**REGIONAL NEWS UNIT, AIR CUTTACK**

**Morning Bulletin (7.05 AM)**

**10 July - 2024**

**News Editor : *Itishree Singh Rathaur***

## ମୁଖ୍ୟମନ୍ତ୍ରୀ-ନିଯୁକ୍ତି ସୁଯୋଗ

ଓଡ଼ିଶାକୁ ଶିଳ୍ପ କ୍ଷେତ୍ରରେ ଦେଶର ଏକ ଅଗ୍ରଣୀ ରାଜ୍ୟରେ ପରିଣତ କରି ଯୁବକ ଯୁବତୀଙ୍କ ପାଇଁ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିର୍ଦ୍ଦେଶ ଦେଇଛନ୍ତି । ଗତକାଲି ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ଶିଳ୍ପ ବିଭାଗ ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗର ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଥିଲେ । ଏହି ଅବସରରେ ସେ ଧାତୁ ଓ ଖଣି ଭିତ୍ତିକ ଶିଳ୍ପ ସହ ବନ୍ଦର ଭିତ୍ତିକ ଶିଳ୍ପ ଏବଂ ଆଧୁନିକ ଯୁଗର ଶିଳ୍ପ ପ୍ରତିଷ୍ଠା ଦିଗରେ ଗୁରୁତ୍ୱାରୋପ କରିଥିଲେ । ରାଜ୍ୟରେ ଶିଳ୍ପାୟନ ପାଇଁ ଆବଶ୍ୟକ ଭିତ୍ତିଭୂମି ଲାଗି ତୁରନ୍ତ ପଦକ୍ଷେପ ନେବାକୁ ଅଧିକାରୀମାନଙ୍କୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ । ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରରେ କେନ୍ଦ୍ର ସରକାରଙ୍କ ମୁଦ୍ରା, ସ୍ୱନିଧି ଓ ବିଶ୍ୱକର୍ମା ଭଳି ଯୋଜନାର ସୁଯୋଗ ଉଦ୍ୟୋଗୀମାନଙ୍କ ପାଖରେ ପହଞ୍ଚିବା ଦିଗରେ କାର୍ଯ୍ୟ କରିବାକୁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ ।

## କ୍ୟାବିନେଟ୍ ବୈଠକ

ରାଜ୍ୟ କ୍ୟାବିନେଟର ଗୁରୁତ୍ୱପୂର୍ଣ୍ଣ ବୈଠକ ଆଜି ଅନୁଷ୍ଠିତ ହେବ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ପୂର୍ବାହ୍ଣ ସାଢ଼େ ୧୧ଟାରେ ବୈଠକ

ହେବାର କାର୍ଯ୍ୟସୂଚୀ ରହିଛି। ବୈଠକରେ ସରକାରଙ୍କ ବହୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିକୁ ମଞ୍ଜୁରୀ ମିଳିବାର ସମ୍ଭାବନା ରହିଛି।

# ନବୀନ ଜିନ୍ଦଲ

ଅନୁଗୁଳସ୍ଥିତ ଜିନ୍ଦଲ ଷ୍ଟିଲ୍‌ପ୍ଲାଣ୍ଟ ବିଶ୍ୱର ସର୍ବବୃହତ ଷ୍ଟିଲ୍ ପ୍ଲାଣ୍ଟ ହେବ । ବର୍ଷକ ମଧ୍ୟରେ ଏହାର ଇସ୍ପାତ ଉତ୍ପାଦନ କ୍ଷମତା ଦୁଇଗୁଣ ହେବ ବୋଲି ଜେଏସ୍‌ପିଏଲ୍ ମୁଖ୍ୟ ନବୀନ ଜିନ୍ଦଲ କହିଛନ୍ତି । ଗତକାଲି ରାଜ୍ୟ ଅତିଥି ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭାରତୀୟ ଇସ୍ପାତ ସଂଘ ପକ୍ଷରୁ ସାକ୍ଷାତ ଅବସରରେ ଶ୍ରୀ ଜିନ୍ଦଲ ଏହା କହିଛନ୍ତି । ୨୦୨୫ ମସିହା ସୁଦ୍ଧା ଷ୍ଟିଲ୍‌ପ୍ଲାଣ୍ଟର ସଂପ୍ରସାରଣ କାର୍ଯ୍ୟ ଶେଷ ହେବ ଏବଂ ବାର୍ଷିକ ୧୨ ନିୟୁତ ଟନ୍ ଇସ୍ପାତ ଉତ୍ପାଦନ ହେବ । ଆଗାମୀ ଦିନରେ ଉତ୍ପାଦନ କ୍ଷମତା ୨୫ ନିୟୁତ ଟନ୍‌କୁ ବୃଦ୍ଧି କରିବାର ଲକ୍ଷ୍ୟ ରଖାଯାଇଥିବା ଶ୍ରୀ ଜିନ୍ଦଲ କହିଛନ୍ତି ।

# ପିଏମ୍ ଶ୍ରୀ

ବିଦ୍ୟାଳୟ ଗୁଡ଼ିକର ଭିତ୍ତିଭୂମି ଏବଂ ଶୈକ୍ଷିକ ଗୁଣବତ୍ତା ବୃଦ୍ଧି କରିବା ଲକ୍ଷ୍ୟରେ ରାଜ୍ୟରେ **ପିଏମ୍ ଶ୍ରୀ** ସ୍କୁଲ୍ ଯୋଜନା ଲାଗୁ କରାଯାଇଛି । ଏହି ଯୋଜନା ଦ୍ୱାରା ପ୍ରାୟ ୮ଶହ ବିଦ୍ୟାଳୟ ଉପକୃତ ହେବେ । କେନ୍ଦ୍ର ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ଜୟନ୍ତ ଚୌଧୁରୀ ଓ ରାଜ୍ୟ ଶିକ୍ଷା ସଚିବଙ୍କ ଉପସ୍ଥିତିରେ ଏ ନେଇ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଏଥିରେ ପ୍ରତ୍ୟେକ ବ୍ଲକ ଓ ପୌରାଞ୍ଚଳର ଦୁଇଟିଲେଖାଏଁ ବିଦ୍ୟାଳୟକୁ **ପିଏମ୍ ଶ୍ରୀ** ସ୍କୁଲରେ ବିକଶିତ କରାଯିବାର ବ୍ୟବସ୍ଥା ରହିଛି । ବିଦ୍ୟାଳୟ ଗୁଡ଼ିକରେ ଜାତୀୟ ଶିକ୍ଷାନୀତି

ଅନୁଯାୟୀ ପ୍ରସ୍ତୁତ ପାଠ୍ୟକ୍ରମ ପଢ଼ାଯିବା ସହ ଛାତ୍ରଛାତ୍ରୀଙ୍କ ଦକ୍ଷତା ବୃଦ୍ଧି ଉପରେ ପ୍ରାଥମିକତା ଦିଆଯିବ ।

## ଆଡ଼ପ ଅବଢ଼ା

ପୁରୀରେ ଗତକାଲି ଚତୁର୍ଦ୍ଧା ବିଗ୍ରହଙ୍କୁ ଗୋଟି ପହଣ୍ଡିରେ ସେବାୟତମାନେ ଆଡ଼ପ ମଣ୍ଡପକୁ ବିଜେ କରାଇଛନ୍ତି । ପ୍ରଥମେ ମଦନମୋହନ, ରାମକୃଷ୍ଣଙ୍କ ପହଣ୍ଡି ହୋଇଥିବା ବେଳେ ପରେ ସୁଦର୍ଶନ, ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା ଓ ଶେଷରେ ଶ୍ରୀ ଜଗନ୍ନାଥଙ୍କ ପହଣ୍ଡି ହୋଇଥିଲା। ଆଜି ଶ୍ରୀଜୀଉଙ୍କ ପାଖରେ ଆଡ଼ପ ଅବଢ଼ା ଲାଗି କରାଯିବ ।

## ପରିଚାଳନା କମିଟି ବୈଠକ

ପୁରୀ ଗଜପତି ମହାରାଜାଙ୍କ ଅଧ୍ୟକ୍ଷତାରେ ଆଜି ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହେବ । ବୈଠକରେ ରାଜ୍ୟ ସରକାରଙ୍କ ପକ୍ଷରୁ ଜଷ୍ଟିସ୍ ବିଶ୍ୱନାଥ ରଥଙ୍କ ଅଧ୍ୟକ୍ଷତାରେ ଗଠିତ ରତ୍ନ ଭଣ୍ଡାର ଯାଞ୍ଚ କମିଟି ଆସନ୍ତା ୧୪ ତାରିଖ ଦିନ ଭଣ୍ଡାର ଘର ଖୋଲିବା ନେଇ ହୋଇଥିବା ନିଷ୍ପତ୍ତି ଉପରେ ଆଲୋଚନା କରାଯିବ । ଏଥିସହ ଭଣ୍ଡାର ଘରର ମରାମତି ଏବଂ ରତ୍ନ ଅଳଙ୍କାର ଗଣତି ଓ ମଣତି ନେଇ କମିଟି କରିଥିବା ମାର୍ଗଦର୍ଶିକା ଉପରେ ଆଲୋଚନା ହେବ । ପରିଚାଳନା କମିଟି ପ୍ରସ୍ତାବ ଉପରେ ସବିଶେଷ ଆଲୋଚନା ହୋଇ ଯାହା ନିଷ୍ପତ୍ତି

ନିଆଯିବ, ତାହା ରାଜ୍ୟ ସରକାରଙ୍କୁ ଜଣାଇବା ସହ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।

## ପ୍ରଧାନମନ୍ତ୍ରୀ ଆବାସ

ନୂଆପଡ଼ା ଜିଲ୍ଲା ଖରିଆର ରୋଡ୍ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ୪୫ ଜଣ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହିତାଧିକାରୀଙ୍କୁ ଗୃହ ନିର୍ମାଣ ନେଇ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି । ଏହା ସହ ୧୨ ଜଣ ନୂତନ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରାଯାଇଛି ।

## ଜମିପଟ୍ଟା

ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ସୁନାବେଡ଼ା ଅଭୟାରଣ୍ୟ ମଧ୍ୟରେ ବସବାସ କରୁଥିବା ୧୩୦ ଜଣ ଆଦିମ ଜନଜାତି ଏବଂ ଜଣେ ଆଦିବାସୀଙ୍କୁ ଜମିପଟ୍ଟା ପ୍ରଦାନ କରାଯାଇଛି । ଏହି ସମୟରେ ଉପଜିଲ୍ଲାପାଳ ଯୋଗେନ୍ଦ୍ର ମାଝୀଙ୍କ ସହ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ଶିଶୁ ଓଜନ

କୋରାପୁଟ ଜିଲ୍ଲା ସମାଜ କଲ୍ୟାଣ ବିଭାଗ ପକ୍ଷରୁ ଶିଶୁ ଓଜନ ଏବଂ ଉଚ୍ଚତା ନିରୀକ୍ଷଣ ତାଲିମ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସମାଜକଲ୍ୟାଣ ଅଧିକାରୀ ଅନ୍ନପୂର୍ଣ୍ଣା କୁଣ୍ଡୁ ଶିଶୁମାନଙ୍କ

ଓଜନ ଓ ଉଚ୍ଚତା ବୃଦ୍ଧି ଏବଂ ଶିଶୁଙ୍କ ମଧ୍ୟରେ ଥିବା କୁପୋଷଣକୁ ଚିହ୍ନଟ ତଥା ଶିଶୁଙ୍କ ଖାଦ୍ୟ, ସ୍ୱାସ୍ଥ୍ୟ ଓ ପରିଚ୍ଛନ୍ନତା ଉପରେ ଆଲୋଚନା କରିଥିଲେ ।

## ଜନଶୁଣାଣି

ରାଜ୍ୟରେ ବିଭିନ୍ନ ସ୍ଥାନରେ ଗତକାଲି ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ଠାରେ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜନ ଶୁଣାଣି ଶିବିରରେ ସମୁଦାୟ ୧୭୮ଟି ଆବେଦନପତ୍ର ଦାଖଲ ହୋଇଥିଲା । ସେଥିମଧ୍ୟରୁ ୨୧ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା ।

ଖୋର୍ଦ୍ଧା ଜିଲ୍ଲା ବାଣପୁର ବ୍ଲକ ପରିସରରେ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜନଶୁଣାଣି ଶିବିରରେ ମୋଟ୍ ୬୧୪ଟି ଆବେଦନ ମଧ୍ୟରୁ ୮ଟିର ସମାଧାନ କରାଯାଇଥିଲା ।

ସେହିଭଳି ରାଉରକେଲା ମହାନଗର ନିଗମ ପକ୍ଷରୁ ଆୟୋଜିତ ଶିବିରରେ ୯୯ଟି ଅଭିଯୋଗର ଶୁଣାଣି କରାଯାଇଥିଲା ।

କେନ୍ଦୁଝର ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ୩୫୩ଟି ଅଭିଯୋଗ ମଧ୍ୟରୁ ୨୧୨ଟିର ସମାଧାନ କରାଯାଇଥିଲା ।